ଗୁରବଚନ ସିଂହ ଏବଂ ଅନ୍ୟଜଣେ

ବନାମ

ଭାରତ ସଂଘ ଏବଂ ଅନ୍ୟଜଣେ

9, ଫେବୃଆରୀ 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950:*

*ଅନୁଚ୍ଛେଦ 32,136- ବିଶେଷ ଅନୁମତି ଆବେଦନ-ସେଥିରେ ପାରିତ ରାୟ ଏବଂ ଆଦେଶ- ଅନୁଚ୍ଛେଦ 32 ଅନୁଯାୟୀ ନ୍ୟାୟିକ ସମୀକ୍ଷା ପାଇଁ ଯୁକ୍ତିଯୁକ୍ତ କି- ନିର୍ଣ୍ଣିତ: ନୁହେଁ ।*

*ଅବଦୁଲ ରେହମାନ ଅନ୍ତୁଲେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ ଇତ୍ୟାଦି, [1984] 3 ଏସ୍. ସି.* **ଆର୍. 482; ଖୋଡେ ଡିଷ୍ଟିଲେରୀଜ୍** *ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମହା ନିବନ୍ଧକ, ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା* 803/(1995) **ଏବଂ** *ମେସର୍ସ ଖୋଡେ ଡିଷ୍ଟିଲେରୀଜ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ,* **[1995] 1 ଏସ. ସି. ସି. 574 ମାମଲା ଗୁଡିକ ଉପରେ ନିର୍ଭର କରାଯାଇଥିଲା ।**

ମୂଳ ଦେୱାନୀ ଅଧିକାରିତା: ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 782/1994 ।

( ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ )

ଆବେଦନକାରୀଙ୍କ ପାଇଁ ଆର୍. ସି. ଗୁବ୍ରେଲଙ୍କ ପାଇଁ ସୁଶ୍ରୀ ନେନିତା ଶର୍ମା

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ଥାବର ସମ୍ପତ୍ତି ଅଧିଗ୍ରହଣ ଏବଂ ଅର୍ଜନ ଅଧିନିୟମ, 1952 ଅନୁଯାୟୀ ଅଧିଗ୍ରହିତ ଜମି ସମ୍ବନ୍ଧୀୟ ଏହି ଆଜ୍ଞାଦେଶ ଆବେଦନଟି ଏହି ନ୍ୟାୟାଳୟଙ୍କ ଦ୍ୱାରା ଅନୁଚ୍ଛେଦ 136 ଅନୁଯାୟୀ ଆବେଦନକୁ ଅନୁମତି ପ୍ରଦାନ କରୁଥିବା ଆଦେଶ ଏବଂ ଉଚ୍ଚ ନ୍ୟାୟାଳୟ ଏବଂ ମଧ୍ୟସ୍ଥିଙ୍କ ଜମି ଅଧିଗ୍ରହଣ ଅଧିନିୟମ 1864 ଯାହା ସଂଶୋଧନ ଅଧିନିୟମ 68/1984 ଦ୍ୱାରା ସଂଶୋଧିତ ହୋଇଥିଲା, ଏହା ଅଧୀନରେ ଦିଆଯାଇଥିବା ବର୍ଦ୍ଧିତ ସୁଧ ଏବଂ କ୍ଷତିପୂରଣ ଆଦେଶକୁ ରଦ୍ଦ

କରୁଥିବା ଆଦେଶ ବିରୋଧରେ ଦଖଲ ହୋଇଥିଲା । ଏହି ନ୍ୟାୟଳୟଙ୍କର ଏକ ତିନି ଜଣିଆ ଖଣ୍ଡପୀଠ ମତ ଦେଇଥିଲେ ଯେ ସଂଶୋଧନ ଅଧିନିୟମ 68/1984 କିମ୍ବା ଭୂମି ଅଧିଗ୍ରହଣ ଅଧିନିୟମ, 1894 ସ୍ଥାବର ସମ୍ପତ୍ତି ଅଧିଗ୍ରହଣ ଏବଂ ଅର୍ଜନ ଅଧିନିୟମର ଧାରା 8 ଅନ୍ତର୍ଗତ ଗୃପ୍ରଦତ୍ତ ଅଧିନିର୍ଣ୍ଣୟରେ  କ୍ଷେତ୍ରରେ କୌଣସି ପ୍ରୟୋଜନୀୟତା ନାହିଁ । ଫଳସ୍ୱରୂପ, ସୁଧ ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ଜାରି ନିର୍ଦ୍ଦେଶ ଏବଂ ଆଦେଶ କ୍ଷେତ୍ରାଧିକାରହୀନ ବୋଲି ଧରାଗଲା ଏବଂ ତେଣୁ, ଏହା ଅବୈଧ ହେବ । ତେବେ ପ୍ରଶ୍ନ ହେଉଛି ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନ ଯୁକ୍ତିଯୁକ୍ତ ହେବ କି?

ଅବଦୁଲ ରେହମାନ ଅନ୍ତୁଲେ ବନାମ ଭାରତ ସଂଘ *ଏବଂ ଅନ୍ୟମାନେ ଇତ୍ୟାଦି, [1984] 3 ଏସ୍. ସି. ଆର୍. 482 ମାମଲାରେ ସମାନ ପ୍ରଶ୍ନ* ସହିତ କାରବାର କରିବା ସମୟରେ ଏହି ନ୍ୟାୟାଳୟ ଏହି ମନ୍ତବ୍ୟ ଦେଇଥିଲେ:

" ମୋ ମତରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ପରୀତ ଆଦେଶ ଏବଂ ରାୟର ବୈଧତାକୁ ଅବୈଧ କିମ୍ବା ଅନ୍ୟଥା ଭୁଲ ଭାବରେ ଆପତ୍ତି କରୁଥିବା ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ । ମୁଁ ଏହା ସ୍ପଷ୍ଟ କରିବାକୁ ଚାହେଁ ଯେ ଏହି ଆଜ୍ଞାଦେଶ ଆବେଦନର ଖାରଜ, ଏକ ଉପଯୁକ୍ତ ସମୀକ୍ଷା ଆବେଦନ ସହିତ  ନ୍ୟାୟାଳୟକୁ ଯିବାକୁ କିମ୍ବା ଅନ୍ୟ କୌଣସି ଆଜ୍ଞାଦେଶ ଆବେଦନ ଯାହା ସେ ଆଇନତଃ ଦାଖଲ କରିବାକୁ ହକଦାର ହୋଇପାରନ୍ତି, ତାହା ଦାଖଲ କରିବାକୁ ଆବେଦନକାରୀଙ୍କ ଅଧିକାର ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟି କରିବ ନାହିଁ ।

ଉପରୋକ୍ତ ଅନୁପାତକୁ ଅନୁସରଣ କରି, ଖୋଡେ *ଡିଷ୍ଟିଲେରୀଜ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ ଭାରତ ର ସର୍ବୋଚ୍ଚ ନ୍ୟାୟାଳୟଙ୍କର ମହା ନିବନ୍ଧକ ମାମଲାରେ 5,* ଡିସେମ୍ବର 1995 ରେ ନିର୍ଣ୍ଣୟ ହୋଇଥିବା ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 803/(1995 )ରେ, ଏକ ତିନି-ବିଚାରପତି ଖଣ୍ଡପୀଠ (ଯେଉଁଥିରେ ଆମ୍ଭମାନଙ୍କ ମଧ୍ୟରୁ ଜଣେ, ନ୍ୟାୟାଧୀଶ କେ. ରାମାସ୍ୱାମୀ, ସଦସ୍ୟ ଥିଲେ) ରାୟ ପ୍ରଦାନ କରିଥିଲେ ଯେ ମେସର୍ସ ଖୋଡେ ଡିଷ୍ଟିଲେରୀଜ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ କର୍ଣ୍ଣାଟକ ରାଜ୍ୟ ଏବଂ *ଅନ୍ୟାମାନେ [1995] 1 ଏସସିସି 574 ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟ ପରେ, ଏହି ନ୍ୟାୟାଳୟଙ୍କର* ନିର୍ଣ୍ଣୟର ସଠିକତା ଉପରେ ଆଧାର କରି ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଦାଖଲ ଆଜ୍ଞାଦେଶ ଆବେଦନ ରକ୍ଷଣଯୋଗ୍ୟ ନୁହେଁ ।

ତେଣୁ ଅନୁଚ୍ଛେଦ 136 ଅନୁଯାୟୀ ପାରିତ ହୋଇଥିବା ଏହି ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ନ୍ୟାୟିକ ସମୀକ୍ଷା ପାଇଁ ଯୁକ୍ତିଯୁକ୍ତ ନୁହେଁ ।

ତଦନୁସାରେ ଆଜ୍ଞାଦେଶ ଆବେଦନ ଖାରଜ କରାଗଲା ।

ଜି. ଏନ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।